ସଞ୍ଜୟ କୁମାର

*ବନାମ*

ବିହାର ରାଜ୍ୟ ଏବଂ ଅନ୍ୟମାନେ

28 ଅଗଷ୍ଟ, 2000

[ଏମ୍. ଜଗନ୍ନାଧ ରାଓ ଏବଂ ଦୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ – ଅନୁକମ୍ପା ମୂଳକ ନିଯୁକ୍ତି - ଉଦ୍ଦେଶ୍ୟ - ମୃତ କର୍ମଚାରୀଙ୍କ ପରିବାରକୁ ହଠାତ୍ ଏପରି ସଙ୍କଟରୁ, ଯାହା ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ହୋଇଥାଏ ଯାହାଦ୍ୱାରା ପରିବାରଟି ଦାରିଦ୍ର୍ୟର ସମ୍ମୁଖୀନ ହୋଇଥାଏ ଏବଂ ଜୀବିକାର ସାଧନ ହରାଇ ବସିଥାଏ, ମୁକୁଳିବାରେ ସକ୍ଷମ କରିବା ପାଇଁ ଅନୁକମ୍ପାମୂଳକ ନିଯୁକ୍ତି ଉଦ୍ଦିଷ୍ଟ - ଚାକିରି କାର୍ଯ୍ୟକାଳରେ କର୍ମଚାରୀଙ୍କ ମୃତ୍ୟୁ -ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ମୃତ କର୍ମଚାରୀଙ୍କ ପୁଅଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ - ପୁଅଟି ଆବେଦନ ତାରିଖ ଦିନ ନାବାଳକ ହୋଇଥିବାରୁ ନିଯୁକ୍ତି ପାଇଁ ଯୋଗ୍ୟ ନୁହେଁ - ନିଯୁକ୍ତି ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ - ଆଜ୍ଞାଦେଶ - ସର୍ବୋଚ୍ଚ ନ୍ୟାୟାଳୟରେ ଉଚ୍ଚ ନ୍ୟାୟାଳୟର ଆବେଦନ ଖାରଜ - ନିର୍ଣ୍ଣୟ କରାଯାଇଥିଲା, କିଛି ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡିକର ଅନୁପସ୍ଥିତିରେ ଆବେଦନକାରୀ ଅନେକ ବର୍ଷ ପରେ ସାବାଳକ ହେବା ପର୍ଯ୍ୟନ୍ତ ଏକ ଖାଲି ପଦବୀକୁ ସଂରକ୍ଷଣ କରାଯାଇପାରିବ ନାହିଁ*

*ଚନ୍ଦ୍ର ଭୂଷଣ* **ବନାମ** *ବିହାର ରାଜ୍ୟ,* **(1997)1 PLJR 626,କୁ ଅସ୍ୱୀକାର କରାଯାଇଥିଲା ।**

*ଶିକ୍ଷା ନିର୍ଦ୍ଦେଶକ ଏବଂ ଅନ୍ୟଜଣେ* **ବନାମ** *ପୁଷ୍ପେନ୍ଦର କୁମାର ଏବଂ ଅନ୍ୟମାନେ,* **(1998) 2 PLJR SC 181, କୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ ଅଧିକାରିତା: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 12876/2000

L.P.A. ସଂଖ୍ୟା 1194/1999ରେ ପାଟନା ଉଚ୍ଚ ନ୍ୟାୟାଳୟର 10.3.2000 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏମ୍. ପି. ବର୍ମା, ଆର୍. ପି. ସିଂହ, ସୁଶ୍ରୀ ଅମିତା ପାଣ୍ଡେ ଏବଂ କୃଷ୍ଣାନନ୍ଦ ପାଣ୍ଡେ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀଙ୍କୁ 10 ବର୍ଷ ବୟସ ହୋଇଥିଲା ବେଳେ ତାଙ୍କ ମା'ଙ୍କ ଦେହାନ୍ତ ହୋଇଥିଲା, ଯେତେବେଳେ ସେ ଅବକାରୀ କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲେ । 2.6.1988 ତାରିଖରେ ଆବେଦନକାରୀ ତାଙ୍କ ମା 'ଙ୍କ ମୃତ୍ୟୁର ତୁରନ୍ତ ପରେ ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ଏକ ଆବେଦନ କରିଥିଲେ । 10.12.1996 ତାରିଖରେ ନିର୍ଦ୍ଧାରିତ ସମୟ ଶେଷ (ତମାଦି) ହୋଇଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । 26.12.96 ତାରିଖରେ ଏକ ନୂତନ ଆବେଦନ ଦାଖଲ କରାଯାଇଥିଲା ଏବଂ ସେହି ସମାନ କାରଣ ପାଇଁ 21.4.1997 ତାରିଖରେ ଏହାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉକ୍ତ ଆଦେଶ ବିରୋଧରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତି ଉକ୍ତ ଆଜ୍ଞାଦେଶ ଆବେଦନକୁ 24.8.99 ତାରିଖରେ ଖାରଜ କରିଦେଇଥିଲେ ଏବଂ ଉକ୍ତ ରାୟକୁ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଦ୍ୱାରା 10.3.2000 ତାରିଖରେ ସମର୍ଥନ କରାଯାଇଥିଲା । ଏହି ଆଦେଶ ବିରୁଦ୍ଧରେ ଯେ ଏହି SLPକୁ ଗ୍ରହଣ କରାଯାଇଛି ।

*ଚନ୍ଦ୍ର ଭୂଷଣ* ବନାମ *ବିହାର ରାଜ୍ୟ,* (1997) 1 PLJR 626 ମାମଲାରେ ପାଟନା ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ନିର୍ଣ୍ଣୟ ଉପରେ ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ଦୃଢ ନିର୍ଭରଶୀଳତା ରଖିଛନ୍ତି । ବିଦ୍ୱାନ ବରିଷ୍ଠ ଅଧିବକ୍ତା ଦର୍ଶାଇଛନ୍ତି ଯେ ସେହି ମାମଲାରେ ଏହା ନିର୍ଣ୍ଣୟ କରାଯାଇଥିଲା ଯେ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ବିଳମ୍ବ ଆଧାରରେ ଜଣେ ଆବେଦନକାରୀଙ୍କ ଅଧିକାରକୁ ବିଫଳ କରାଯାଇପାରିବ ନାହିଁ, ଯାହା ଆବେଦନକାରୀଙ୍କ ନିୟନ୍ତ୍ରଣ ବାହାରେ ଥିଲା । ବିଦ୍ୱାନ ବରିଷ୍ଠ ଅଧିବକ୍ତା ଆହୁରି ଦର୍ଶାଇଛନ୍ତି ଯେ ଉପରୋକ୍ତ ରାୟକୁ ଅନୁସରଣ କରିବା ପରିବର୍ତ୍ତେ, ସେହି ବିଦ୍ୱାନ ବିଚାରପତି ବର୍ତ୍ତମାନ 21.4.1997 ତାରିଖରେ ନିର୍ଣ୍ଣୟ କରିଛନ୍ତି ଯେ ଆବେଦନର ନିର୍ଦ୍ଧାରିତ ସମୟ ଶେଷ ହୋଇଯାଇଛି । ବିଜ୍ଞ ଅଧିବକ୍ତା ଆମ ସମ୍ମୁଖରେ *ଶିକ୍ଷା ନିର୍ଦ୍ଦେଶକ ଏବଂ ଅନ୍ୟଜଣେ* ବନାମ *ପୁଷ୍ପେନ୍ଦର କୁମାର ଏବଂ ଅନ୍ୟମାନେ,* (1998) 2 PLJR SC 181 ମାମଲାରେ ଏହି ନ୍ୟାୟାଳୟର ଏକ ରାୟ ଉପସ୍ଥାପନ କରିଛନ୍ତି । ସେ ଦାଖଲ କରିଛନ୍ତି ଯେ, ଏହି ମାମଲାରେ ଅତିରିକ୍ତ ପଦବୀ ସୃଷ୍ଟି କରିବାକୁ ଏକ ନିର୍ଦ୍ଦେଶ ଦିଆଯାଇଥିଲା ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କ ଦାଖଲଗୁଡ଼ିକ ସହିତ ଆମେ ସହମତ ହେବାରେ ଅସମର୍ଥ ଅଟୁ । ଅନେକ ମାମଲାରେ ଏହି ନ୍ୟାୟାଳୟ ରାୟ ପ୍ରଦାନ କରିଛନ୍ତି ଯେ ମୃତ କର୍ମଚାରୀଙ୍କ ପରିବାରକୁ ହଠାତ୍ ଏପରି ସଙ୍କଟରୁ, ଯଥା ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ପରିବାରଟି ଦାରିଦ୍ର୍ୟର ସମ୍ମୁଖୀନ ହେବା ଏବଂ ଜୀବିକାର ସାଧନ ହରାଇ ବସିଥିବାରୁ ମୁକୁଳିବାରେ ସକ୍ଷମ କରିବା ପାଇଁ ଅନୁକମ୍ପାମୂଳକ ନିଯୁକ୍ତି ଉଦ୍ଦିଷ୍ଟ ଅଟେ । ବାସ୍ତବରେ, *ଶିକ୍ଷା ନିର୍ଦ୍ଦେଶକ ଏବଂ ଅନ୍ୟଜଣେ* ବନାମ *ପୁଷ୍ପେନ୍ଦର କୁମାର ଏବଂ ଅନ୍ୟମାନେ* ମାମଲାର ନିର୍ଣ୍ଣୟରେ, ଯାହା ଆବେଦନକାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଛି ଏଭଳି ମତ ପ୍ରକାଶ ପାଇଛି । ଏହା ମଧ୍ୟ ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଯେ 2.6.୫୪ ତାରିଖରେ, ଯେତେବେଳେ ଆବେଦନକାରୀଙ୍କ ଦ୍ୱାରା ପ୍ରଥମ ଆବେଦନ କରାଯାଇଥିଲା ଆବେଦନକାରୀ ଜଣେ ନାବାଳକ ଥିଲେ ଏବଂ ନିଯୁକ୍ତି ପାଇଁ ଯୋଗ୍ୟ ନଥିଲେ । ଏହା ଆବେଦନକାରୀଙ୍କ ଦ୍ୱାରା ସ୍ୱୀକାର କରାଯାଇଛି । କିଛି ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡିକର ଅନୁପସ୍ଥିତିରେ ଆବେଦନକାରୀ ଅନେକ ବର୍ଷ ପରେ ସାବାଳକ ହେବା ପର୍ଯ୍ୟନ୍ତ ଏକ ଖାଲି ପଦବୀକୁ ସଂରକ୍ଷଣ କରାଯାଇପାରିବ ନାହିଁ । ପରିବାରଟିକୁ ତୁରନ୍ତ ସାହାଯ୍ୟ ପ୍ରଦାନ କରିବା ହେଉଛି ଅନୁକମ୍ପାମୂଳକ ନିଯୁକ୍ତିର ମୂଳ ଆଧାର ।

ତେଣୁ *ଚନ୍ଦ୍ର ଭୂଷଣଙ୍କ* ମାମଲାରେ ପ୍ରକାଶ ପାଇଥିବା ମତ ସହ ଆମେ ସହମତ ହୋଇପାରିବୁ ନାହିଁ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମେ ନିର୍ଣ୍ଣୟ କରୁଛୁ ଯେ ଏହି SLP ରେ କୌଣସି ଗୁଣବତ୍ତା ନାହିଁ ଏବଂ ସେହି କାରଣରୁ ଏହାକୁ ଖାରଜ କରାଗଲା ।

ଟି. ଏନ୍. ଏ. ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ